# ଜନଜାତି ଜୀବନର ମହାକୁମ୍ଭ

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଦିବାସୀ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର, ୨୭/୦୧/ ୨୦୨୧- ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ରାଜଧାନୀର ଏକ ନମ୍ବର ୟୁନିଟ୍ ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଛି ଜନଜାତି ଜୀବନର ମହାକୁମ୍ଭ ରୂପେ ପରିଚିତ ଆଦିବାସୀ ମେଳା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନ୍‌ଫରେସିଂ ମାଧ୍ୟମରେ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ । ମହାମାରୀ କରୋନାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଏହି ମେଳାରେ ଷ୍ଟଲ ସଂଖ୍ୟାକୁ ୯୦ ମଧ୍ୟରେ ସୀମିତ ରଖା ଯାଇଥିବା ବେଳେ ଭର୍ଚୁଆଲ ମାଧ୍ୟମରେ ଦେଶ ବିଦେଶରେ ଜନଜାତି ବର୍ଗଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରିର ବ୍ୟବସ୍ଥା ହୋଇଛି । ଏହି ସବୁ ମୌଳିକ ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରି କ୍ଷେତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ସକ୍ରିୟ ଅଂଶ ଗ୍ରହଣର ସୁଯୋଗ ଦିଆଯାଇଛି । ଏହାଛଡ଼ା ଜନଜାତି ବର୍ଗର କଲ୍ୟାଣ ନିମନ୍ତେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଝଲକ୍ ମଧ୍ୟ ମେଳାରେ ଦେଖିବାକୁ ମିଳୁଛି । ଅନେକ ସରକାରୀ ଷ୍ଟଲରେ ଦର୍ଶକମାନଙ୍କୁ ଏ ସମ୍ପର୍କରେ ଅବଗତ କରାଯିବା ସଙ୍ଗେ ସଙ୍ଗେ ଫଟୋଚିତ୍ର ସ୍ଥାନ ପାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମେଳାକୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟରେ ଆଦିବାସୀ ମାନଙ୍କର ବିକାଶକୁ ସରକାର ବିଶେଷ ଗୁରୁତ୍ୱ ଦେଉଥିବାର ପ୍ରକାଶ କରିଥିଲେ । ସେମାନଙ୍କର ଜୀବନ ଜୀବିକା ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସେ ସୂଚନା ଦେଇଥିଲେ ।

ଉଦ୍‌ଘାଟନ ଉତ୍ସବରେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଶାସନ ସଚିବ ରଂଜନା ଚୋପ୍ରା, ନିର୍ଦ୍ଦେଶିକା ଗୁହା ପୁନମ୍ ତାପସ୍ କୁମାର ଏବଂ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ସଦସ୍ୟ ସଚିବ ଡ. ଅଖିଳ ବିହାରୀ ଓତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ମେଳା ଆସନ୍ତା ଫେବୃଆରୀ ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ୧୯୫୪ ମସିହାର ସାଧାରଣତନ୍ତ୍ର ଦିବସରୁ ରାଜଧାନୀର ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଏହା ଆୟୋଜିତ ହୋଇ ଆସୁଥିଲେ ହେଁ ଗତ ତିନିବର୍ଷ ଧରି ଖାରବେଳ ନଗରସ୍ଥିତ ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆକୁ ଏହା ସ୍ଥାନାନ୍ତରିତ ହୋଇଥିଲା । ଦୀର୍ଘବର୍ଷ ଧରି ଏହି ମେଳା ମାତ୍ର ଗୋଟିଏ ସପ୍ତାହ ପାଇଁ ଆୟୋଜିତ ହେଉଥିଲା । ମାତ୍ର ଗତ ୨୦୧୦ ମସିହାରୁ ଏହାର ଅବଧି ୧୫ ଦିନକୁ ବୃଦ୍ଧି କରାଯାଇଛି । ଗତକାଲି ଓ ଆଜି ମେଳାରେ ବେଶ୍ ଗହଳି ଚହଳି ପରିଲକ୍ଷିତ ହୋଇଥିଲା । ତେବେ କରୋନା ଜନିତ କଟକଣା ଦୃଷ୍ଟିରୁ ସାମାଜିକ ଦୂରତ୍ୱ ରକ୍ଷା ସହିତ ମାସ୍କ ପରିଧାନକୁ ଏଥର ମେଳାରେ ବାଧ୍ୟତାମୂଳକ କରାଯାଇଛି ।

***